# ଆମେ ଥିଲୁ ମାଓବାଦୀ

## ପାଲହଡା ଉପାଖ୍ୟାନ

୨୦୦୬ ଫେବୃଆରି ୭ ତାରିଖ । ସେଦିନ ଅପରାହ୍ନରେ ଅନୁଗୁଳ ଜିଲ୍ଲାର ପାଲହଡା ବ୍ଲକ୍ ଅଫିସ୍ ସୂତ୍ରରୁ ଖବର ପାଇ ୧୪ଜଣ ଯୁବକର୍ମୀଙ୍କୁ ମାଓବାଦୀ ବୋଲି ଗିରଫ କରିବା ପାଇଁ ସ୍ଥାନୀୟ ଭାରପ୍ରାପ୍ତ ଥାନା ଅଧିକାରୀ ଓ ଅନୁଗୁଳର ସର୍କଲ୍ ଇନସ୍ପେକ୍ଟର ସଶସ୍ତ୍ର ଦଳବଳ ସହ ପୋଲିସ୍ ଭ୍ୟାନ୍ ଆଣି ଆସି ସେଠାରେ ପହଞ୍ଚିଥିଲେ । ସେମାନଙ୍କର ଅପରାଧ ଥିଲା, ସୂଚନା ଅଧିକାର ଆଇନ୍‌ର ନାଁ କହି ସେମାନେ ବ୍ଲକ୍ ଅଫିସ୍‌ର କର୍ମଚାରୀମାନଙ୍କର ଦରମା ଓ ଦାୟିତ୍ୱ ଇତ୍ୟାଦି ସମ୍ବନ୍ଧରେ ତଥ୍ୟାବଳୀ ତୁରନ୍ତ ନେବାକୁ ଚାହୁଁଥିଲେ । ପୋଲିସ୍ ଆସିବା ଯାଏଁ ଏହି ଯୁବକର୍ମୀଙ୍କ ଭିତରୁ ପୁଅଝିଅ ମିଶି ୫ଜଣଙ୍କୁ ବ୍ଲକ୍ କର୍ମଚାରୀ ମାନେ ଗୋଟିଏ କୋଠରୀରେ ଆବଦ୍ଧ କରି ରଖିଥିଲେ । ଦେଓଗଡ ପ୍ରେସର୍ ଗ୍ରୁପ୍‌ର ଏହି ଯୁବକର୍ମୀମାନଙ୍କର ପ୍ରଶିକ୍ଷକ ଭାବେ ମୁଁ ସେତେବେଳେ ପାଲହଡାର କନ୍ତଲାରେ ଥିବା ଏସ୍.ଇ.ଡି.ପି. ତାଲିମ୍ କେନ୍ଦ୍ରରେ ସେମାନଙ୍କ ଫେରନ୍ତା ବାଟକୁ ଚାହିଁ ରହିଥାଏ । ହଠାତ୍ ଫୋନ୍ ପାଇଲି, ପୋଲିସ୍ ସେମାନଙ୍କୁ ଗିରଫ କରିବାକୁ ଭ୍ୟାନ୍ ନେଇ ଆସିଛି । ତତ୍‌କ୍ଷଣାତ୍ ମୁଁ ଓ ଡି.ପି.ଜି.ର ସାଥୀ ଅଜୟ ବିଶ୍ୱାଳ ବ୍ଲକ୍ ଅଫିସ୍‌ରେ ପହଞ୍ଚିଲୁ । ସେଠାରେ ପହଞ୍ଚି ଦେଖିଲୁ, ସାମ୍ବାଦିକବୃନ୍ଦ ଓ ବହୁ ପ୍ରତ୍ୟକ୍ଷଦର୍ଶୀ ତଥା ବ୍ଲକ୍ କର୍ମଚାରୀଙ୍କ ଗହଣ ଭିତରେ ମୋଟର ସାଇକେଲ୍‌କୁ ଧରି ଦଣ୍ଡାୟମାନ ଥାନା ଅଧିକାରୀ ଠେଙ୍ଗୁଲି ହଲାଇ ନିରସ୍ତ୍ର ଓ ଶଙ୍କିତ କର୍ମୀମାନଙ୍କୁ ଧମକାଣ ଦେଉଥାନ୍ତି, "ଜାଣିଛ, ମୁଁ ଚାହିଁଲେ ତୁମ ସମସ୍ତଙ୍କୁ ଭିତରେ ପୁରାଇ ଦେବି" । ଏହାର ପ୍ରତ୍ୟୁତ୍ତରରେ କର୍ମୀମାନେ ବାରମ୍ବାର ଆଇନ୍ ପୁସ୍ତିକା ଦେଖାଇ କହୁଥାଆନ୍ତି, "ଆମେ ସୂଚନା ଅଧିକାର ଆଇନ୍‌ର ଧାରା ୪ ବଳରେ ବ୍ଲକ୍ ଅଫିସ୍‌ର କେତେକ ସ୍ୱୟଂ-ପ୍ରକଟନୀୟ ସୂଚନା ନେବାକୁ ଆସିଛୁ; ଏଥିରେ ଆମର ଅପରାଧ କେଉଁଠି ରହିଲା ?" କିନ୍ତୁ ଥାନାବାବୁ କିଛି ଶୁଣିବାକୁ ନାରାଜ ଏବଂ ଗିରଫ କରିବାକୁ ତତ୍ପର । ଏହିସମୟରେ ଆମକୁ ଦେଖି ସେ ଆମର ପରିଚୟ ମାଗିଲେ । ମୁଁ ମୋର ପରିଚୟ ଦେବା ସହିତ କହିଲି, "ମୁଁ ସେମାନଙ୍କର ପ୍ରଶିକ୍ଷକ ଭାବେ ଏପରି ଦଳବଦ୍ଧ ହୋଇ ବିଭିନ୍ନ ଅଫିସ୍‌କୁ ଯାଇ ସୂଚନା ସଂଗ୍ରହ କରିବା ପାଇଁ ତାଲିମ୍ ଦେଇଛି ଏବଂ ଆପଣ ଯେଉଁ ଅପରାଧରେ ସେମାନଙ୍କୁ ଗିରଫ କରିବାକୁ ବସିଛନ୍ତି, ମୋତେ ମଧ୍ୟ ତାହା ବଳରେ ଗିରଫ କରିପାରନ୍ତି ।" ମୋଠାରୁ ଅପ୍ରତ୍ୟାଶିତ ଏପରି ରୋକ୍‌ଠୋକ୍ ଉତ୍ତର ପାଇଲା ପରେ ଥାନାବାବୁ ଟିକେ ଦ୍ୱନ୍ଦ୍ୱରେ ପଡିଗଲେ ଓ ପଚାରିଲେ, "ଏମିତି କ'ଣ ଆଇନ୍ ଅଛି ଯେ, ଲୋକେ ମୌଖିକ ଭାବେ ଚାହିଁବା ମାତ୍ରେ ଗୋଟିଏ ଅଫିସ୍‌ରୁ ସଙ୍ଗେ ସଙ୍ଗେ ସୂଚନା ମିଳିଯିବ ?" ମୁଁ ଉତ୍ତର ଦେଲି, "ଏହି କର୍ମୀମାନେ ଠିକ୍ ସେହି କଥା ହିଁ ଆପଣଙ୍କୁ ସୂଚନା ଅଧିକାର ଆଇନ୍‌ର ଧାରା-୪କୁ ପଢାଇ ଜଣାଇବାକୁ ଚାହୁଁଛନ୍ତି, କିନ୍ତୁ ଆପଣ ତାହା କର୍ଣ୍ଣପାତ ନକରି ଗିରଫ କରିବାକୁ ଅଡିବସିଛନ୍ତି" । ଥାନାବାବୁ ଜାଣିବାକୁ ଚାହିଁବାରୁ କର୍ମୀ ଜ୍ୟୋତ୍ସ୍ନା ପୁଣି ଧାରା ୪(୧ବି) ଅଧୀନସ୍ଥ ୧୭ ପ୍ରକାର ସ୍ୱୟଂ-ପ୍ରକଟନୀୟ ସୂଚନାର ତାଲିକା, ଧାରା ୪(୪)ରେ ଏପ୍ରକାର ସୂଚନା ପ୍ରଦାନ ପାଇଁ ବ୍ୟବସ୍ଥା ତଥା ସ୍ପଷ୍ଟୀକରଣରେ ଥିବା ସର୍ବସାଧାରଣଙ୍କ ଦ୍ୱାରା ନିରୀକ୍ଷଣର ଅଧିକାର ଉପରେ ପ୍ରାବ୍‌ଧାନକୁ ପଢି ଶୁଣାଇଲେ । ଏହା ସହିତ ସେ ପୁଣି ସୂଚାଇଲେ ଯେ, ଏସବୁ ସୂଚନାବଳୀକୁ ୧୫ଜୁନ୍‌ରୁ ୧୨ ଅକ୍ଟୋବର ୨୦୦୫, ଅର୍ଥାତ୍ ୧୨୦ ଦିନ ଭିତରେ ପ୍ରତି ଜନକର୍ତ୍ତୃପକ୍ଷ ଏମିତି ସୁପ୍ରସ୍ତୁତ କରି ରଖିବେ ଯେ, ଏହାପରେ ଯେ କୌଣସି ବ୍ୟକ୍ତି ଚାହିଁବା ମାତ୍ରେ ସେସବୁକୁ ତତ୍‌କ୍ଷଣାତ୍ ନିରୀକ୍ଷଣ କରିପାରିବେ ଏବଂ ମାଗଣାରେ ବା କେବଳ ଜେରକ୍ସ ମୂଲ୍ୟ ଦେଇ ନକଲ ନେଇପାରିବେ । ଏକଥା ଜାଣିଲା ପରେ ବି ଥାନାବାବୁ କହିଲେ, "ସି.ଆର୍.ପି.ସି. ବଳରେ ମୁଁ ଆପଣମାନଙ୍କୁ ମାଓବାଦୀ ବୋଲି ସନ୍ଦେହ କରି ଗିରଫ କରିପାରିବି" । ମୁଁ ଜାଣିଶୁଣି ଏକ ବକ୍ରୀଳ ଉତ୍ତର ଦେଲି, "ହଁ ଆପଣ କରିପାରନ୍ତି, କିନ୍ତୁ ଆପଣ ଏଫ୍.ଆଇ.ଆର୍.ରେ ସତକଥା ଲେଖିବେ ଯେ, ଏହି ଯୁବକର୍ମୀଗଣ ସୂଚନା ଅଧିକାର ଆଇନ୍ ବଳରେ ସଙ୍ଗେସଙ୍ଗେ ସୂଚନା ଚାହୁଁଥିଲେ" । ଏହାପରେ ଥାନାବାବୁ ପୁଣି ଦ୍ୱନ୍ଦ୍ୱରେ ପଡିଲେ, ଓ ପଚାରିଲେ, "ସୂଚନା ଅଧିକାର ଆଇନ୍ କ'ଣ ଆଇ.ପି.ସି. ଓ ସି.ଆର୍.ପି.ସି. ଠାରୁ ବଳୀୟାନ୍ ?" ଏହାର ଉତ୍ତରରେ ମୁଁ ପୁଣି କର୍ମୀ ଜ୍ୟୋତ୍ସ୍ନାଙ୍କୁ କହିଲି ଧାରା-୨୨କୁ ପଢିବା ପାଇଁ, ଯେଉଁଥିରେ କେବଳ ସରକାରୀ ଗୋପନୀୟତା ଆଇନ୍ ନୁହେଁ, ବରଂ ଦେଶର ଯେକୌଣସି ବିଧିବିଧାନ ଉପରେ ସୂଚନା ଅଧିକାର ଆଇନ୍‌ର ଅତିକ୍ରମଣ ପ୍ରଭାବ ସୂଚୀତ ହୋଇଛି । ଏହା ପଢାଯିବା ପରେ ଥାନାବାବୁ ନିଜର ଅଜ୍ଞତା ବୁଝିପାରିଲେ ଓ ଉପସ୍ଥିତ ବ୍ଲକ୍ ଅଧିକାରୀମାନଙ୍କୁ ପରାମର୍ଶ ଦେଲେ ଯୁବକର୍ମୀମାନେ ଚାହିଁଥିବା ସୂଚନାକୁ ଦେଇଦେବା ପାଇଁ । ବ୍ଲକ୍ କର୍ମଚାରୀମାନେ ମଧ୍ୟ ନିଜର ଭୁଲ୍ ବୁଝିପାରିଥିଲେ ଓ ସେଦିନ ସଂଧ୍ୟା ହୋଇଯାଇଥିବାରୁ ଯୁବକର୍ମୀମାନଙ୍କୁ ପରଦିନ ଆସି ଆବଶ୍ୟକୀୟ ସୂଚନା ନେଇଯିବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ବଡ କ୍ଷୋଭର ବିଷୟ, ସ୍ଥାନୀୟ ସାମ୍ବାଦିକ ମାନେ ଏ ବିଷୟରେ ଆମକୁ ପଚାରି ନଥିଲେ ଏବଂ କେବଳ ପୋଲିସ୍ ସୂତ୍ରକୁ ଆଧାର କରି ତା'ପରଦିନ ଖବରକାଗଜ ଗୁଡିକରେ ଏକ ସମ୍ବାଦ ବାହାର କରିଥିଲେ, ଯାହାର ଶୀର୍ଷକ ଥିଲା, '୧୪ଜଣ ସନ୍ଦିଗ୍ଧ ଯୁବ ମାଓବାଦୀଙ୍କୁ ଅଟକ' । ଏହି ୧୪ଜଣ ସନ୍ଦିଗ୍ଧ ମାଓବାଦୀଙ୍କ ତାଲିକାରେ ମୋର ଏବଂ ବନ୍ଧୁ ଅଜୟ ବିଶ୍ୱାଳଙ୍କ ନାମ ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଆହୁରି ବିସ୍ମୟକର ଥିଲା, ରାଜ୍ୟ ମୁଖ୍ୟ ସୂଚନା କମିଶନ୍‌ରଙ୍କର ମତିଗତି । ସଂପୃକ୍ତ କର୍ମୀମାନେ ଧାରା-୧୮ ଅଧୀନରେ ଏକ ଅଭିଯୋଗ ଦାଖଲ କରିଥିଲେ ତାଙ୍କ ପାଖରେ । କିନ୍ତୁ ସେ ମୋଟେ ଶୁଣାଣି ନକରି ମନମୁଖୀ ଢଙ୍ଗରେ ରାୟ ଶୁଣାଇ ଦେଲେ ଯେ, ଧାରା-୪ ଅଧୀନସ୍ଥ ସୂଚନା ସଂପର୍କୀତ ଅଭିଯୋଗ କମିଶନ୍‌ଙ୍କ ଶୁଣାଣି ପରିସର ଭିତରକୁ ଆସୁନାହିଁ । ଏହି ଘଟଣାର ବେଶ୍ କିଛିଦିନ ପରେ ଏହି ଲେଖକ ନିଜେ କଟକ ଜିଲ୍ଲାପାଳଙ୍କ ଦ୍ୱାରା ଆହୂତ ଏକ କର୍ମଶାଳାରେ ରାଜ୍ୟ ସୂଚନା କମିଶନର୍ ପ୍ରଫେସର୍ ରାଧାମୋହନଙ୍କୁ ଧାରା-୪ର ମହତ୍ତ୍ୱ କହିବାକୁ ଯାଇ ପାଲହଡାରେ ଘଟିଥିବା 'ମାଓବାଦୀ' ଉପାଖ୍ୟାନ କହିଥିଲି । କିନ୍ତୁ ସେ ଏ ବିଷୟରେ ସେଠାରେ ଯେ କେବଳ ନିରୁତ୍ତର ରହିଥିଲେ ତାହା ନୁହେଁ, ଶେଷପର୍ଯ୍ୟନ୍ତ ନିଷ୍କ୍ରିୟ ଥିଲେ । କିନ୍ତୁ ଏହି ଲେଖକ ମନରେ ବାରମ୍ବାର ପ୍ରଶ୍ନ ଜାଗ୍ରତ ହୋଇଛି, ଯଦି ସତକୁ ସତ ଅସଲ ମାଓବାଦୀମାନେ ବନ୍ଧୁକ ଧରି ବ୍ଲକ୍ ଅଫିସ୍‌ରେ ଧାରା-୪ ଅଧୀନସ୍ଥ ସୂଚନା ମାଗିଥାନ୍ତେ ବା ସୂଚନା କମିଶନର୍‌ମାନଙ୍କୁ ଏ ସଂକ୍ରାନ୍ତୀୟ ଅଭିଯୋଗକୁ ବିଚାର କରିବା ପାଇଁ ଖାଲି ଫୋନ୍ କରିଥାନ୍ତେ, ତେବେ ଏହି ପଦାଧିକାରୀମାନେ ଯୁବକର୍ମୀମାନଙ୍କୁ ନିରସ୍ତ୍ର ଓ ନିରୀହ ଭାବି ଯେଭଳି ହଟହଟା ଓ ହତାଦର କଲେ, ତାହା କ'ଣ ସମ୍ଭବ ହୋଇଥାନ୍ତା ?

## ବାବୁଗୋଷ୍ଠୀ ବନାମ ମାଓବାଦୀ

ଏହି ଘଟଣା କେବଳ ଏକ ଇଙ୍ଗିତ ମାତ୍ର । ଯେତେବେଳେ କୌଣସି ଲୋକାଭିମୁଖୀ ଆଇନ୍ ଲାଗୁ ହୁଏ, ତାକୁ ଆମର ବାବୁଗୋଷ୍ଠୀ କାର୍ଯ୍ୟକାରୀ କରିବା ଦୂରର କଥା; ଯଦି କୌଣସି ବ୍ୟକ୍ତି ଉତ୍ସାହିତ ହୋଇ ଏହାର କାର୍ଯ୍ୟକାରିତା ଦାବୀ କରେ, ତେବେ ତାକୁ ପ୍ରଥମେ ମାଓବାଦୀର ମୋହର ଲଗାଇ ଘଉଡାଇବାକୁ ଚେଷ୍ଟା କରନ୍ତି, ନଚେତ୍ ପୋଲିସ୍ ହାତରେ ଧରାଇ ଦିଅନ୍ତି । ଏବଂ ଆହୁରି ବିଚିତ୍ର କଥା, ଯେଉଁ ପୋଲିସ୍‌ମାନେ ଅସଲ ମାଓବାଦୀଙ୍କୁ ଦେଖି ଖଟତଳେ ପଶିଯାନ୍ତି ବା ପଛ ଦରଜା ଦେଇ ପଳାୟନ କରିଥାନ୍ତି, ସେମାନେ ନ୍ୟାୟ ପାଇଁ ଲଢୁଥିବା ଜଣେ ନିରସ୍ତ୍ର ଲୋକପ୍ରେମୀ ବ୍ୟକ୍ତିଙ୍କୁ ମାଓବାଦୀ ଆଖ୍ୟା ଦେଇ ସଦର୍ପେ ରାତିଅଧିଆ ଗିରଫ କରିବା, ହାଜତରେ ନାନାଦି ନିର୍ଯ୍ୟାତନା ଦେବା ଏବଂ ମିଛିମିଛିକା ଏନ୍‌କାଉଣ୍ଟରରେ ଗୁଳିକରି ହତ୍ୟାକରିବା ପାଇଁ ବେଶ୍ ଆଗଭର ହୋଇଥାନ୍ତି । ଏହାର

ପରିଣତି ସ୍ୱରୂପ, ପୋଲିସ୍ ଓ ପ୍ରଶାସନ ପ୍ରତି ସାଧାରଣ ଲୋକଙ୍କର ଅଶ୍ରଦ୍ଧା ତୀବ୍ରତର ହେବା ସହିତ ସେମାନଙ୍କ ପାଇଁ ଲଢୁଥିବା ମାଓବାଦୀଙ୍କ ପ୍ରତି ଆନ୍ତରିକ ସମର୍ଥନ ବଢିବାରେ ଲାଗିଥାଏ । ଯୋଜନା କମିଶନ୍‌ଙ୍କ ଦ୍ୱାରା ଗତ ଏପ୍ରିଲ ୨୦୦୮ରେ ପ୍ରକାଶିତ 'ଚରମପନ୍ଥୀ ଉପଦ୍ରୁତ ଅଞ୍ଚଳରେ ବିକାଶ ଆଗରେ ଆହ୍ୱାନ୍' ଶୀର୍ଷକ ଅଧ୍ୟୟନରେ ଏହି ସତ୍ୟ ସ୍ୱୀକାର କରାଯାଇଛି । ଏଥିରେ ପୁଣି କୁହାଯାଇଛି, ଭୂସଂସ୍କାର ହେଉ ବା ଦଳିତ ମୁକ୍ତି, ବିସ୍ଥାପିତଙ୍କୁ ନ୍ୟାୟ ବା ଉପଯୁକ୍ତ ମଜୁରି, ଆଦିବାସୀମାନଙ୍କ ଜଙ୍ଗଲ ଅଧିକାର ବା ଗୋତିଶ୍ରମର ଉଚ୍ଛେଦ, ସାହୁକାରଙ୍କ ମହାଜନି ବା ଠିକାଦାରର ଶୋଷଣର ପ୍ରତିକାର, ଏହି ସମସ୍ତ ନ୍ୟାଯ୍ୟ, ମାନବିକ ଓ ଗଣତାନ୍ତ୍ରିକ ଅଧିକାର ପାଇଁ ସରକାର ବଚନବଦ୍ଧ ହୋଇଥିବା ସତ୍ତ୍ୱେ ଠିକ୍ ବିପରୀତ ଘଟଣା ଦେଖିବାକୁ ମିଳିଲା । ପୋଲିସ୍ ଓ ପ୍ରଶାସନ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ସପକ୍ଷତା କରିବାକୁ ଯାଇ ଶାସନକଳ ସାହାଯ୍ୟରେ ଦଳିତ ଏବଂ ବଞ୍ଚିତ ଗୋଷ୍ଠୀଙ୍କୁ ଅଧିକ ନିର୍ଯ୍ୟାତନା କରିଚାଲିଲେ । ଏହି ପରିସ୍ଥିତିରେ ହିଁ ମାଓବାଦୀମାନେ ଶୋଷକଗୋଷ୍ଠୀଙ୍କୁ ଶ୍ରେଣୀଶତ୍ରୁ ବୋଲି ମନେକରି ସେମାନଙ୍କ ବିରୁଦ୍ଧରେ ନିଜର ବିପ୍ଳବ ଘୋଷଣା କଲେ ଏବଂ ଏହି କାରଣରୁ ସାଧାରଣ ଲୋକେ, ବିଶେଷ କରି ସମାଜର ନିମ୍ନବର୍ଗ ମାଓବାଦୀଙ୍କ ପ୍ରତି ଆକୃଷ୍ଟ ହେଲେ । କେବଳ ଏତିକି ନୁହେଁ, ନିକଟ ଅତୀତରେ ଚୋରାମଦ ବେପାରୀ, କାଠ ମାଫିଆ ଓ ବେଆଇନ୍ ଗଞ୍ଜେଇଚାଷୀଙ୍କ ବିରୁଦ୍ଧରେ ମାଓବାଦୀମାନଙ୍କର ରଣହୁଙ୍କାର ମଧ୍ୟବିତ୍ତ ଓ ବୁଦ୍ଧିଜୀବି ଗୋଷ୍ଠୀର ବ୍ୟକ୍ତିବିଶେଷଙ୍କୁ ଆକୃଷ୍ଟ କରିପାରିଛି । ମାଓବାଦକୁ ଏକ ଆଇନ୍-ଶୃଙ୍ଖଳା ସମସ୍ୟା ବୋଲି ଅଭିହିତ କରି ଏହାର ନେତା ଓ କର୍ମୀମାନଙ୍କୁ ବହୁସଂଖ୍ୟାରେ ଜେଲ୍‌ରେ ପୁରାଇ ଦିଆଯାଇପାରେ ଏବଂ ଏପରିକି ଏନ୍‌କାଉଣ୍ଟର କରି ମାରି ଦିଆଯାଇପାରେ, କିନ୍ତୁ ଯେ ପର୍ଯ୍ୟନ୍ତ ପୋଲିସ୍ ଓ ପ୍ରଶାସନ ସଂବିଧାନର ଅଙ୍ଗୀକାର ଅନୁଯାୟୀ ନିଜକୁ ଦଳିତ ଓ ବଞ୍ଚିତ ଶ୍ରେଣୀର ଅନୁରକ୍ତ ଜନସେବକରେ ପରିଣତ ନକରିଛି, ସେ ପର୍ଯ୍ୟନ୍ତ କୌଣସି ନା କୌଣସି ଉପାୟରେ ମାଓବାଦ ବଞ୍ଚି ରହିବ ଏବଂ ନିଜର ବଂଶବୃଦ୍ଧି କରିଚାଲିଥିବ । ଏକଥା ମଧ୍ୟ ୨୦୦୨ରେ ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ସମ୍ବିଧାନ ସମୀକ୍ଷା କମିଶନ୍ ସ୍ପଷ୍ଟ ଭାଷାରେ ସୂଚାଇଥିଲେ ।

## ମାଓବାଦୀଙ୍କର ନୂଆ ଅବତାର

ଖୁବ୍ ନିକଟରେ ଆମେ ମାଓବାଦୀଙ୍କର ଆଉ ଏକ ନୂତନ ଭୂମିକା ଲକ୍ଷ୍ୟ କରୁଛୁ । ସେମାନେ ମଧ୍ୟ ବାରମ୍ବାର ଖୋଲାଚିଠି ଓ ପ୍ରାଚୀରପତ୍ର ଜରିଆରେ ତାଙ୍କର ନୂତନ ଆଭିମୁଖ୍ୟକୁ ସ୍ପଷ୍ଟ କରି ଚାଲିଛନ୍ତି । ଭାରତର ସମ୍ବିଧାନ ଏହାର ଧାରା-୨୫ରେ ବିବେକ ଓ ଧର୍ମର ସ୍ୱାଧୀନତା ଦେଇଥିବା ସ୍ଥଳେ କ୍ଷମତାସୀନ ବି.ଜେ.ପି.ର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ତଥା ସ୍ଥାନୀୟ କୁଜି-ବେପାରୀ ଗୋଷ୍ଠୀଙ୍କ ପାଣ୍ଠି ଯୋଗାଣରେ ପରିପୁଷ୍ଟ ହୋଇ ଆର୍.ଏସ୍.ଏସ୍., ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଭଳି ହିନ୍ଦୁତ୍ୱବାଦୀ ଗୋଷ୍ଠୀ କନ୍ଧମାଳରେ ଲକ୍ଷ୍ମଣାନନ୍ଦଙ୍କୁ ସାମନାରେ ରଖି ଆଦିବାସୀ କନ୍ଧମାନଙ୍କୁ ମତାଇ ଗତ ଡିସେମ୍ବର୨୦୦୭ ଠାରୁ ସଂଖ୍ୟାଲଘୁ ଖ୍ରୀଷ୍ଟିଆନ୍‌ମାନଙ୍କ ବିରୁଦ୍ଧରେ ନାହିଁନଥିବା ହିଂସାକାଣ୍ଡ ଘଟାଇଚାଲିଲେ । ଲକ୍ଷ୍ୟ କରାଗଲା, ପୋଲିସ୍ ଓ ପ୍ରଶାସନ ସଂବିଧାନର ନିର୍ଦ୍ଦେଶ ଅନୁଯାୟୀ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ଏହି ହିନ୍ଦୁତ୍ୱବାଦୀ ଗୋଷ୍ଠୀଙ୍କ ହିଂସାକାଣ୍ଡକୁ ଉସ୍‌କାନି ଦେଇଚାଲିଲେ । ଏହି ସମୟରେ ଏକ ବିସ୍ମୟକର ଢଙ୍ଗରେ ଧର୍ମନିରପେକ୍ଷତା ଓ ସଂଖ୍ୟାଲଘୁଙ୍କ ରକ୍ଷାକବଚ ରୂପେ ଆଗେଇ ଆସିଲେ ମାଓବାଦୀମାନେ । ସେମାନଙ୍କର ପ୍ରଥମ କାର୍ଯ୍ୟ ହେଲା, କନ୍ଧମାଳରେ ସାଂପ୍ରଦାୟିକ ହିଂସାକାଣ୍ଡର ଖଳନାୟକ ସାଜିଥିବା ଭି.ଏଚ୍.ପି. ନେତା ଲକ୍ଷ୍ମଣାନନ୍ଦଙ୍କୁ ୨୩ ଅଗଷ୍ଟରେ ହତ୍ୟା କରିବା ।

## ହିନ୍ଦୁତ୍ୱବାଦୀଙ୍କ ବର୍ବରତା

ମାଓବାଦୀମାନେ ଏହି ହତ୍ୟା ପାଇଁ ନିଜକୁ ବାରମ୍ବାର ଦାୟୀ କରିଥିଲେ ହେଁ, ଭି.ଏଚ୍.ପି.ର ପ୍ରବୀଣ ତୋଗାଡିଆଙ୍କ ସହ ସମଗ୍ର ହିନ୍ଦୁତ୍ୱବାଦୀ ନେତୃବର୍ଗ ଖ୍ରୀଷ୍ଟିଆନ୍‌ମାନଙ୍କ ଉପରେ ମିଥ୍ୟା ଦୋଷାରୋପ କରି ଆଦିବାସୀ କନ୍ଧମାନଙ୍କ କାନ୍ଧରେ ବନ୍ଧୁକ ରଖି ଦେଶର ଇତିହାସରେ ସବୁଠୁଁ ବ୍ୟାପକ ଓ ଭୟାନକ ଖ୍ରୀଷ୍ଟିଆନ୍-ମାରଣ ଅଭିଯାନ ଆରମ୍ଭ କରିଦେଲେ । ଶୁଣିବାକୁ ଲଜ୍ଜା ଲାଗିପାରେ, କିନ୍ତୁ ଏହା ଏକ ଅକାଟ୍ୟ ସତ୍ୟ ଯେ, ଭାରତମାତା କୀ ଜୟ, ବନ୍ଦେ ମାତରମ୍, ହିନ୍ଦୁ-ହିନ୍ଦୁ ଭାଇଭାଇ ଓ ସ୍ୱାମିଜୀ କୀ ଜୟ ଇତ୍ୟାଦି ଧ୍ୱନି ଦେଇ ଲକ୍ଷ୍ମଣାନନ୍ଦଙ୍କ ଚେଲାଚାମୁଣ୍ଡାମାନେ ନାରୀଧର୍ଷଣ, ବଳାତ୍କାର, ହତ୍ୟାକାଣ୍ଡ, ଗୃହଦାହ, ଲୁଟ୍‌ତରାଜ ଓ ଗୀର୍ଜାଧ୍ୱଂସ ଇତ୍ୟାଦି ଯାବତୀୟ ପାଶବିକ କୁକାର୍ଯ୍ୟ ଲଗାତାର କରିଚାଲିଲେ ଏବଂ ଏସବୁ ଘଟିଲା ପୋଲିସ୍ ଓ ପ୍ରଶାସନର ଜାଣତରେ ଓ ଏପରିକି ସ୍ଥଳ ବିଶେଷରେ ପରୋକ୍ଷ ଓ ପ୍ରଚ୍ଛନ୍ନ ସହମତିରେ । ପ୍ରତିଦିନ ଶହଶହ ନିରୀହ ଖ୍ରୀଷ୍ଟିଆନ୍ ପରିବାର ବାସ୍ତୁହରା ହୋଇ ଏବଂ ମୃତ୍ୟୁଭୟରେ ଇତସ୍ତତ ବିକ୍ଷିପ୍ତ ହୋଇପଡିଲେ । କନ୍ଧମାଳ ଠାରୁ କଟକ ଓ ଭୁବନେଶ୍ୱର, ସବୁଆଡେ ଛାଇଗଲା ବାସଚ୍ୟୁତ ଖ୍ରୀଷ୍ଟିଆନ୍‌ମାନଙ୍କ ପାଇଁ ଶରଣାର୍ଥୀ ଶିବିର । ଅନେକ ଦଙ୍ଗା-ବିସ୍ଥାପିତ ପରିବାର ଜୀବନ ବିକଳରେ ସବୁଦିନ ପାଇଁ ରାଜ୍ୟ ଛାଡି ବିଭିନ୍ନ ଜଣାଅଜଣା ଜାଗାକୁ ପଳାଇଗଲେ । କନ୍ଧମାଳ ପରିସ୍ଥିତି ଏପରି ଭୟାନକ ଏବଂ ଏହାକୁ ମୁକାବିଲା କରିବାରେ ପ୍ରଶାସନ ଏମିତି ନିକମ୍ମା ସାବ୍ୟସ୍ତ ହେଲା, ଯାହା ଫଳରେ ଭାରତର ପ୍ରଧାନମନ୍ତ୍ରୀଙ୍କୁ ପାରିସ୍ ଠାରେ ୟୁରୋପର ରାଷ୍ଟ୍ରମୁଖ୍ୟଗଣଙ୍କ ସାମନାରେ ଏହାକୁ 'ଜାତୀୟ ଲଜ୍ଜା' ବୋଲି କହିବାକୁ ପଡିଲା । ଏହି ପରିସ୍ଥିତି ବର୍ତ୍ତମାନ ଆପାତ ଦୃଷ୍ଟିରେ ନିୟନ୍ତ୍ରଣାଧୀନ ଥିବାର ମନେ ହେଲେ ବି ବାସ୍ତବ ଦୃଷ୍ଟିରୁ ପୁରାପୁରି ଗମ୍ଭୀର ରହିଛି । ଏହାର ପ୍ରମାଣ, ହଜାର ହଜାର ଉଦ୍‌ବାସ୍ତୁ ଖ୍ରୀଷ୍ଟୀୟ ପରିବାର ଏବେବି ଶରଣାର୍ଥୀ ଶିବିରରେ ପିଲାଛୁଆଙ୍କୁ ଧରି ଅର୍ଦ୍ଧଭୁକ୍ତ ହୋଇ, ମଶାମାଛିଙ୍କ ପ୍ରାଦୁର୍ଭାବ ସହି ତଥା ଶୀତଦିନରେ ଫୁଙ୍ଗୁଳା ଅବସ୍ଥାରେ ପଡି ରହିଛନ୍ତି ।

## ମାଓବାଦୀଙ୍କର ମୁହଁତୋଡ୍ ଜବାବ

ଏହି ପରିସ୍ଥିତିରେ ପୁଣି ଆମେ ଦେଖିଲୁ, ମାଓବାଦୀମାନେ ହିନ୍ଦୁତ୍ୱବାଦୀମାନଙ୍କର ଏହି ବଢନ୍ତି ଦୁଷ୍କୃତିକୁ ବାଧା ଦେବା ପାଇଁ ସେମାନଙ୍କ ଭିତରୁ ଜଣେ ପ୍ରମୁଖ ଦଙ୍ଗାକାରୀ ଆର୍.ଏସ୍.ଏସ୍. କର୍ମୀଙ୍କୁ ସ୍ପଷ୍ଟ ଦିବାଲୋକରେ ଗୁଳିବିଦ୍ଧ କରି ହତ୍ୟା କଲେ ଏବଂ ପ୍ରାଚୀରପତ୍ର ଜରିଆରେ ବାକୀ ଦଙ୍ଗାକାରୀଙ୍କ ପାଇଁ ମୃତ୍ୟୁଦଣ୍ଡ ଘୋଷଣା କରିଦେଲେ । ଏଠାରେ ପ୍ରଶ୍ନ ଉଠୁଛି, ଯଦି ପୋଲିସ୍ ଏହି ଦଙ୍ଗାକାରୀମାନଙ୍କୁ ଆଗରୁ ଗିରଫ କରିନିଅନ୍ତେ, ତେବେ ସେମାନେ ମାଓବାଦୀଙ୍କ ହାତରେ ମରନ୍ତେ କି ? ବର୍ତ୍ତମାନ, ହିନ୍ଦୁତ୍ୱ ମାର୍କା ସାଂପ୍ରଦାୟିକତା ବିରୋଧରେ ମାଓବାଦୀଙ୍କ ଅଭିଯାନ କେବଳ କନ୍ଧମାଳ ଭିତରେ ସୀମିତ ନାହିଁ, ଖୋଦ୍ ରାଜଧାନୀର ଗଳି-ଉପଗଳିରେ ପ୍ରାଚୀରପତ୍ର ମାଧ୍ୟମରେ ପହଞ୍ଚିଗଲାଣି । ଏବଂ ଏକଥା ସ୍ପଷ୍ଟ ଅନୁମେୟ, ମହାରାଷ୍ଟ୍ର ସରକାର ମାଲେଗାଁଓ ବିସ୍ଫୋରଣରେ ଜଡିତ ହିନ୍ଦୁ ସନ୍ତ୍ରାସବାଦୀଙ୍କ ବିରୁଦ୍ଧରେ ଯେପରି କଠୋର ପଦକ୍ଷେପ ନେଇଛନ୍ତି, ଓଡିଶାର ପ୍ରଶାସନ ଓ ପୋଲିସ୍ ଯଦି ଏଠାକାର ହିନ୍ଦୁତ୍ୱବାଦୀ ଦଙ୍ଗାକାରୀଙ୍କ ବିରୁଦ୍ଧରେ ସେଭଳି ଆଖିଦୃଶିଆ ପଦକ୍ଷେପ ନନିଅନ୍ତି, ତେବେ ତହିଁର ଅଭାବକୁ ପୂରଣ କରିବେ ମାଓବାଦୀମାନେ ଓ ସେମାନଙ୍କ ନିଜସ୍ୱ କାଇଦାରେ ।

Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, Dt 6th December 2008